OPPO Reno7 5G
2023.03.23 19:36

ପ୍ରେସ ନୋଟ

## ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ହାର କମାଇବା ପାଇଁ ଆଦେଶନାମା ଜାରି ।

ଅନୁଗୋଳ ତା. ୨୩.୦୩ :- ରାସ୍ତାର ଉଭୟ ପାର୍ଶ୍ଵରେ ଗାଡି ପାର୍କିଂ କରିବା ଦ୍ଵାରା ଜନସାଧାରଣମାନଙ୍କ ଯାତାୟାତାରେ ଅସୁବିଧା ହେବା ସହିତ ବହୁତ ସମୟରେ ଦୁର୍ଘଟଣା ଯୋଗୁଁ ପ୍ରାଣହାନି ମଧ୍ୟ ଘଟୁଛି । ଏହି ସଡକ ଦୁର୍ଘଟଣା ଜନିତ ମୃତ୍ୟୁହାରକୁ କମ୍ କରିବା ପାଇଁ ଜରପଡା ଠାରୁ ବଅଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ( NH) ଓ ରାଜ୍ୟ ରାଜପଥ (SH )ର ଉଭୟ ପାର୍ଶ୍ଵରେ ଅବସ୍ଥାପିତ ସମସ୍ତ ବ୍ୟବସାୟିକ ଅନୁଷ୍ଠାନମାନେ ନିଜ ନିଜର ଅନୁଷ୍ଠାନକୁ ଆସୁଥିବା ସମସ୍ତ ଗାଡି ଗୁଡିକର ସଠିକ୍ ପାର୍କିଂ କରିବା ଉପରେ ବ୍ୟବସାୟ ଅନୁଷ୍ଠାନମାନେ ଦାୟିତ୍ଵ ନେବାକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ଵାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶକୁ ଅବମାନନା କଲେ ଉଭୟ ଚାଳକ ଓ ଅନୁଷ୍ଠାନର ମାଲିକ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା-୨୬୨ ତା.୨୩.୦୩.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

(ସ୍ଵାକ୍ଷର) 23/3/2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ